## ମହିଳାଙ୍କ ଆତ୍ମନିଯୁକ୍ତି ପାଇଁ ଗ୍ଲାଡିଓଲେସ୍ ଫୁଲଚାଷର କ୍ଷେତ୍ର ପରୀକ୍ଷଣ



ମହିଳାଙ୍କ ଆତ୍ମନିଯୁକ୍ତି ପାଇଁ ଫୁଲଚାଷ ଏକ ଉତ୍ତମ ମାଧ୍ୟମ । ଘର ପାଖରେ ଥିବା ଜମିକୁ ବ୍ୟବହାର କରି ବଜାର ଚାହିଦା ଥିବା ଗ୍ଲାଡିଓଲସ୍ ଫୁଲ ଚାଷ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗରର ଗୃହ ବିଜ୍ଞାନୀଙ୍କ ଦ୍ୱାରା ଡିହାପଡାଳ, ବେଲଗୁଣ୍ଠା ଗ୍ରାମର ଚାଷୀଭଉଣୀ ମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଏହି ଫୁଲ ଚାଷ କରିବା ପାଇଁ ଆଗ୍ରହ ସୃଷ୍ଟି କରାଯାଇଥିଲା । ଏଥିରେ ଉତ୍ସାହିତ ହୋଇ ୫ଜଣ ଚାଷୀ ଭଉଣୀ ଅଧ ଏକର ଜମିରେ ଗ୍ଲାଡିଓଲସ୍ ଫୁଲ ଚାଷ କରିଥିଲେ । ଲଗାଇବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବାନ୍‌ଡେଜିମ୍ ମିଶାଇ ସେଥିରେ କନ୍ଦାକୁ ବିଶୋଧନ କରାଯାଇଥିଲା । ଧାଡିକୁ ଧାଡି ୪୫ସେ.ମି ଓ ଗଛକୁ ଗଛ ୩୦ସେ.ମି ବ୍ୟବଧାନରେ ଲଗାଯାଇଥିଲା, ହେକ୍ଟର ପିଛା ହାରାହାରି ୧,୧୦,୦୦୦ଟି ଗ୍ଲାଡିଓଲସ୍ ଫୁଲ କେଣ୍ଡା ଓ ୨,୦୦,୦୦୦ କନ୍ଦା ଅମଳ କରାଯାଇ ପ୍ରାୟ ୩,୯୫,୦୦ଟଙ୍କା ଲାଭ ମିଳିଥିଲା ।

## ଭାସମାନ ମାଛ ଖାଦ୍ୟର ସଫଳ କ୍ଷେତ୍ର ପ୍ରଦର୍ଶନ

ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧୧,୬୧୩ହେକ୍ଟର ଜଳାଶୟରେ ମଧୁର ଜଳ ମାଛ ଚାଷ ହୋଇଥାଏ । ଯାଆଁଳ ଛାଡିବା ପୂର୍ବରୁ ପାଣି ପରୀକ୍ଷା କରିବା ସହିତ ପୋଖରୀ ପ୍ରସ୍ତୁତ କରିବା ଏବଂ ଉପଯୁକ୍ତ ପରିମାଣ ଓ ଅନୁପାତର ଯାଆଁଳ ଛାଡିବା ସହିତ ପରିପୂରକ ଖାଦ୍ୟ ପ୍ରୟୋଗ କରିବା ମତ୍ସ୍ୟ ଉତ୍ପାଦନ ପରିମାଣ ଓ ଅନୁପାତର ଯାଆଁଳ ଛାଡିବା ସହିତ ପରିପୂରକ ଖାଦ୍ୟ ପ୍ରୟୋଗ କରିବା ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ତରଫରୁ ବେଲଗୁଣ୍ଠା ବ୍ଲକ୍ ଅର୍ନ୍ତଗତ ମଙ୍ଗଳପୁର ଏବଂ ଭଞ୍ଜନଗର ବ୍ଲକ୍ ଅର୍ନ୍ତଗତ ଲାଲ୍‌ସିଂ ଗ୍ରାମରେ ଭାସମାନ ମାଛ ଖାଦ୍ୟର ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଚାଷୀଭାଇ ମାନଙ୍କୁ ଭାସମାନ ମାଛ ଖାଦ୍ୟର ଉପଯୋଗିତା ଓ ଏହାର ବ୍ୟବହାର ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀଭାଇ ମାନଙ୍କୁ ଭାସମାନ ମାଛ ଖାଦ୍ୟ ଯୋଗାଇଦେବା ସହିତ ଏହାର ପ୍ରୟୋଗ ପ୍ରତିଦିନ ସମୁଦାୟ ମାଛ ଶରୀର ଓଜନର ୧ ପ୍ରତିଶତ ହିସାବରେ କରିବା ପାଇଁ ଅବଗତ କରାଯାଇଥିଲା । ଏଥିରେ ଭାକୁର ମାଛ ହାରାହାରି ୧ କେ.ଜି ଏବଂ ରୋହି ଓ ମିରିକାଳି ମାଛ ୭୦୦-୮୦୦ଗ୍ରାମ୍ ପର୍ଯ୍ୟନ୍ତ ବଢିପାରିଥିଲେ ଯେଉଁଥିରେକି ଖାଦ୍ୟ ଆନୁପାତିକ ଶରୀର ବୃଦ୍ଧି (F.C.R) ୧.୨ ବୋଲି ହିସାବ କରାଯାଇଛି । ଉପରୋକ୍ତ ପ୍ରଣାଳୀରେ ଚାଷ କରି ଚାଷୀ ମାନେ ପ୍ରାୟ ୯ ମାସର ଚାଷ ଅବଧି ପରେ ଏକର ପ୍ରତି ୧୭-୧୮କ୍ୱିଣ୍ଟାଲ ମାଛ ଅମଳ କରିପାରିଛନ୍ତି । ସମୁଦାୟ ଖର୍ଚ୍ଚ କୁ ବାଦ୍ ଦେଇ ଚାଷୀଭାଇମାନେ ଏକର ପ୍ରତି ୮୦,୦୦୦-୯୦,୦୦୦ ଟଙ୍କା ଲାଭ ପାଇପାରିଛନ୍ତି । ଭାସମାନ ମାଛ ଖାଦ୍ୟର ବ୍ୟବହାର ଅତ୍ୟନ୍ତ ସହଜ ଏବଂ ଏଥିରେ ଖାଦ୍ୟ ନଷ୍ଟ ହେଉ ନଥିବାରୁ ଏହା ଚାଷୀଭାଇମାନଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିପାରିଛି ।



## ସଘନ ମାଛ ଚାଷରେ ବର୍ଷିକୀୟା ଯାଆଁଳ ବ୍ୟବହାରର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ





ସଘନ ପ୍ରଣାଳୀରେ ଭାକୁର, ରୋହି, ମିରିକାଳି ଓ ବିଲାତି ରୋହି ଚାଷ ବେଶ୍ ଲାଭଜନକ । କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ବ୍ଲକ ଅର୍ନ୍ତଗତ ନିଧିଆପଲ୍ଲୀ ଏବଂ ମୁଜାଗଡ ଗ୍ରାମରେ ସଘନ ମାଛ ଚାଷରେ ବର୍ଷିକୀୟା ଯାଆଁଳ ବ୍ୟବହାରର ଏକ ଆଗୁଆଧାଡି କ୍ଷେତ୍ର ପ୍ରର୍ଦଶନ କରାଯାଇଥିଲା । ଉକ୍ତ ୨ଟି ଗ୍ରାମରେ ଚାଷୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରାଯାଇଥିଲା । ଏଥିରେ ଚାଷୀମାନଙ୍କୁ ଯାଆଁଳ ଛଡିବା ପୂର୍ବରୁ ପୋଖରୀ ପ୍ରସ୍ତୁତ କରି ଏକର ପ୍ରତି ୮୦-୧୦୦କି.ଗ୍ରା ଚୂନ ଏବଂ ୨୦-୨୫ କ୍ୱିଣ୍ଟାଲ କଞ୍ଚାଗୋବର ପ୍ରୟୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଭାକୁର, ରୋହି, ମିରିକାଳି ବିଲାତି ରୋହିର ବର୍ଷିକୀୟା ଯାଆଁଳ ୩:୪:୨:୧ ଅନୁସାରେ ଏକର ପ୍ରତି ୨୦୦୦ ଗୋଟି ଛଡାଯାଇଥିଲା । ପ୍ରତି ମାସରେ ପାଣିର ପି. ଏଚ୍ (ଅମ୍ଳତ୍ୱ-କ୍ଷାରତ୍ୱ)ପରୀକ୍ଷା କରି ଆବଶ୍ୟକୀୟ ଚୂନ ପ୍ରୟୋଗ କାରିବା ପାଇଁ ପରାମର୍ଶ ଦିଆଯାଇଥିଲା । କୃତିମ ଖାଦ୍ୟ ପିଡିଆ ଏବଂ କାଣ୍ଡିଆ କୁଣ୍ଡା କୁ ୧:୧ ଅନୁପାତରେ ମିଶାଇ ସମୁଦାୟ ମାଛ ଶରୀର ଓଜନର ୫-୨% ହିସାବରେ ଦେବା ପାଇଁ ଅବଗତ କରାଯାଇଥିଲା । ମାଛ ମାନଙ୍କ ରୋଗ ପ୍ରତିଷେଧକ ପାଇଁ ଏକର ପ୍ରତି ୪୦୦ ମି.ଲି ସିଫାକ୍ସ କୁ ୧୦୦ ଲିଟର୍ ପାଣିରେ ମିଶାଇ ଶୀତଦିନ ଆରମ୍ଭରୁ ପୋଖରୀର ଚାରିଆଡେ ପ୍ରୟୋଗ କରାଯାଇଥିଲା । ଏପ୍ରିଲ୍-ମେ ମାସରେ ଜାଲ ପକାଇ ମାଛ ଅମଳ କରାଯାଇଥିଲା । ଉପରୋକ୍ତ ପ୍ରଣାଳୀରେ ଚାଷ କରି ଚାଷି ଭାଇମାନେ ହେକ୍ଟର ପ୍ରତି ପ୍ରାୟ ୪ଟନ୍ ମାଛ ଉତ୍ପାଦନ କରି ପ୍ରାୟ ୧,୮୦,୦୦୦ଟଙ୍କା ନେଟ୍ ଲାଭ ପାଇପାରିଛନ୍ତି ।


**ପ୍ରକାଶକ ଓ ମୁଖ୍ୟ ସଂପାଦକ :**
ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜକ
**ସଂପାଦନା ମଣ୍ଡଳୀ :**
ଡ଼ଃ ସନ୍ତୋଷ କୁମାର ସାମନ୍ତରାୟ, ଶ୍ରୀ ଶିତିକଣ୍ଠ ମିଶ୍ର,
ଡ଼ଃ ଶ୍ରୀମତୀ ଗୀତାଞ୍ଜଳୀ ସୁବୁଦ୍ଧି,
ଶ୍ରୀ ମାନସ ରଞ୍ଜନ ବେହେରା



**ଯୋଗାଯୋଗ ଠିକଣା**
କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର, ବେଣାକୁନ୍ଦା
ଜିଲ୍ଲା : ଗଞ୍ଜାମ - ୭୬୧୧୪୦
ଇ-ମେଲ୍ : ganjamkvk@yahoo.co.in


# ଋଷିକୁଲ୍ୟା


କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର)

ସପ୍ତମ ବର୍ଷ | ପ୍ରଥମ ସଂଖ୍ୟା | ତ୍ରୈମାସିକ ସମାଚାର ପତ୍ର | ଅପ୍ରେଲ୍-ଜୁନ୍ - ୨୦୧୫


## ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ରୁ ପ୍ରକାଶ ପାଉଥିବା ତୈମାସିକ ସମାଚର ପତ୍ରିକା ଋଷିକୁଲ୍ୟା ଏକ ଆଲୋକବର୍ତ୍ତିକା ସଦୃଶ । ଏହି ପତ୍ରିକାଟି କୃଷିର ବିକାଶ ସହିତ କୃଷି ବିଜ୍ଞାନୀ, କୃଷି ସଂପ୍ରସାରଣ ଅଧିକାରୀ ଓ ଚାଷୀ ଭାଇ ଭଉଣୀ ମାନଙ୍କ ମଧ୍ୟରେ ସମନ୍ୱୟ ରଖିପାରିବ ବୋଲି ମୋର ଆଶା । ଏହା ବିଭିନ୍ନ ଶ୍ରେଣୀର ଚାଷୀ ମାନଙ୍କୁ ଚାଷ ସମ୍ବନ୍ଧୀୟ ନୂତନ ତଥା ଉନ୍ନତ ଜ୍ଞାନ କୌଶଳ ଯୋଗାଇଦେବା ସହିତ ପତ୍ରିକାରେ ମୁଦ୍ରିତ କୃଷିଭିତ୍ତିକ ସମାଚାର ଗୁଡ଼ିକ ଏ ଜିଲ୍ଲାର ବେକାର ଯୁବକ ଯୁବତୀ ଓ କୃଷିଜୀବି ମାନଙ୍କୁ କୃଷି ତଥା ବିଭିନ୍ନ ଆନୁଷଙ୍ଗିକ କ୍ଷେତ୍ର ସହ ଜଡିତ ଥିବା ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟରେ ନିୟୋଜିତ କରିବା ସହ କୃଷି ସଂପ୍ରସାରଣ ଅଧିକାରୀବୃନ୍ଦଙ୍କର ଜ୍ଞାନର ପରିସୀମାକୁ ଆହୁରି ପର୍ଯ୍ୟାପ୍ତ କରାଇପାରିବ ବୋଲି ମୋର ଆଶା । ଏହି ପତ୍ରିକା ମାଧ୍ୟମରେ କୃଷି ଓ ଆନୁସାଙ୍ଗିକ କ୍ଷେତ୍ରରେ ଜଡିତ ଗବେଷଣାର ଜ୍ଞାନ ଏବଂ ସ୍ଥାନୀୟ ପରିବେଶରେ ଖାପଖୁଆଇଲା ଭଳି ଜ୍ଞାନ କୌଶଳ ବିଷୟରେ ଅବଗତ କରାଇବା ଦ୍ୱାରା କୃଷିର ଉନ୍ନତି ହୋଇପାରିବ ବୋଲି ମୋର ଦୃଢ ଆଶା ଓ ବିଶ୍ୱାସ । ଅତଏବ କୃଷିବିଜ୍ଞାନ କେନ୍ଦ୍ରର ଏହି ସମାଚାର ପତ୍ରିକାକୁ ଲୋକଲୋଚନକୁ ଆଣିବାପାଇଁ ପ୍ରୟାସ କରିଥିବା କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀବୃନ୍ଦଙ୍କୁ ଆନ୍ତରିକ ଧନ୍ୟବାଦଦେବା ସହ ମୁଁ ଏହି କୃଷି ଭିତ୍ତିକ ସମାଚାର ପତ୍ରିକା **"ଋଷିକୁଲ୍ୟା"** ର ସଫଳ କାମନା କରୁଅଛି ।

**କୁଳପତି**

## ବାର୍ତ୍ତା



ଆମ ଦେଶ ତଥା ରାଜ୍ୟର ଅଧିକାଂଶ ଲୋକ କୃଷିକୁ ନିଜର ଜୀବିକା ଭାବେ ଗ୍ରହଣ କରିଥାନ୍ତି । କୃଷି କ୍ଷେତ୍ରରୁ ମିଳୁଥିବା ଅନିୟମିତ ଆୟ ବା ଆୟର ଅନିଶ୍ଚିତତା ଯୋଗୁଁ ସେମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ଅନେକ ସମୟରେ ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କ ପାଇଁ ଅନାହର ପରିସ୍ଥିତି ଆଣିଦେଇଥାଏ । ଗଞ୍ଜାମ ପରି ଏକ କୃଷି ପ୍ରଧାନ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ତଥା କୃଷି ସମ୍ପର୍କିତ ଆଧୁନିକ ଜ୍ଞାନକୌଶଳର ସନ୍ଦେଶ ଚାଷୀଭାଇ ଭଉଣୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ ପ୍ରକାଶିତ ତ୍ରୈମାସିକ ସମାଚର ପତ୍ରିକା "ଋଷିକୁଲ୍ୟା" ଏକ ଅଭିନବ ପ୍ରୟାସ । ଉକ୍ତ ସମାଚର ପତ୍ର ଏହି କେନ୍ଦ୍ରଦ୍ୱାରା କାର୍ଯ୍ୟକାରୀ ହୋଇଥିବା ତାଲିମ କାର୍ଯ୍ୟକ୍ରମ, ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ, କୃଷକମାନଙ୍କ କ୍ଷେତ୍ରରେ ପରୀକ୍ଷଣ ଇତ୍ୟାଦି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ଏହାକୁ ଅଧିକ ସଂପ୍ରସାରିତ କରି ଜିଲ୍ଲାରେ କୃଷି ଓ କୃଷକର ଉନ୍ନତି ସାଧନରେ ସହାୟକ ହେବ ବୋଲି ମୋର ଆଶା । ଚାଷୀଭାଇମାନେ ଏହି ପତ୍ରିକା ମାଧ୍ୟମରେ ପ୍ରକାଶିତ ଗବେଷଣାଲବ୍ଧ ଜ୍ଞାନକୌଶଳକୁ ନିଜ ଚାଷ ଜମିରେ ପ୍ରୟୋଗ କରିବା ସହିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନଙ୍କ ସହ ଯୋଗସୂତ୍ର ରକ୍ଷା କରିପାରିଲେ କେନ୍ଦ୍ରର ମହତ ଉଦ୍ଦେଶ୍ୟ ସାଧନ ହୋଇପାରିବ । ମୁଁ ଏହି କୃଷିଭିତ୍ତିକ ସମାଚର ପତ୍ରିକା "ଋଷିକୁଲ୍ୟା"ର ଉତ୍ତୋରତ୍ତର ଉନ୍ନତି କାମନା କରୁଛି ।

**ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

## ମୁଖ୍ୟ ସଂପାଦକଙ୍କ କଲମରୁ .....



ସମାଚାର ପତ୍ରିକା "ଋଷିକୁଲ୍ୟା" ରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ର ବିଭିନ୍ନ କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ ଭାବରେ ପ୍ରକାଶ କରାଯାଇଛି । ତ୍ରୈମାସିକ ପତ୍ରିକା "ଋଷିକୁଲ୍ୟା" ରେ ପ୍ରକାଶିତ କୃଷି ଓ ଆନୁସଂଗିକ ତଥ୍ୟ ସମ୍ବନ୍ଧୀୟ ବିବିଧ ଜ୍ଞାନକୌଶଳ ଚାଷୀମାନଙ୍କୁ ଅବଗତ କରାଇବାରେ ସହାୟକ ହେବ । ମୋର ଆଶା ଓ ବିଶ୍ୱାସ ଯେ ଆଗାମୀ ଦିନମାନଙ୍କରେ ଅକ୍ଲାନ୍ତ ପରିଶ୍ରମ, ଅନ୍ୟାନ୍ୟ ବିଭାଗଗୁଡିକର ସାହାଯ୍ୟ ଓ ସର୍ବୋପରି ଚାଷୀଭାଇମାନଙ୍କର ପ୍ରେରଣାକୁ ପାଥେୟ କରି ଏହି କେନ୍ଦ୍ର ତା'ର ଲକ୍ଷ୍ୟପଥ ରେ ଅଗ୍ରସର ହେବା ସହିତ "ଋଷିକୁଲ୍ୟା" ଏ ସବୁ କାର୍ଯ୍ୟକୁ ଚାଷୀଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହେବ ।

**କାର୍ଯ୍ୟକ୍ରମ ସଂଯୋଜକ**
**କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର**

## ଟମାଟୋ ଫସଲରେ ଫଳ ବିନ୍ଧା କୀଟର ପରିଚାଳନା

ଟମାଟୋ ଫସଲକୁ ଆକ୍ରମଣ କରୁଥିବା କୀଟ ମଧ୍ୟରେ ଫଳବିନ୍ଧା କୀଟ ଅଧିକ କ୍ଷତି କରିଥାଏ । ଏହି କୀଟର ଶୂକ ଦେଖିବାକୁ ସବୁଜ ରଙ୍ଗର ଏବଂ ଏହାର ଅଧା ଅଂଶ ଫଳ ଭିତରେ ଓ ଅଧା ଅଂଶ ଫଳ ବାହାରେ ହୋଇଥାଏ । ଏହାର ଆକ୍ରମଣ ଯୋଗୁଁ ୧୫-୨୦ ଭାଗ ଅମଳ କମିବା ସହ ଫଳ ଗୁଡିକ କଣା ହୋଇ ସଡିଯାଏ ଏବଂ ବଜାରରେ ମୁଲ୍ୟ କମିଯାଇଥାଏ । ଏହି ସମସ୍ୟାର ନିରାକାରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ଦ୍ୱାରା ଜିରାବାଡି, ଲେପା, ସାରିଆପଲ୍ଲୀ ଗ୍ରାମରେ କ୍ଷେତ୍ର ପ୍ରର୍ଦଶନ ମାଧ୍ୟମରେ ଚାଷୀମାନଙ୍କୁ ସଂଗ ଆକର୍ଷକ ଯନ୍ତା ହେକ୍ଟର ପିଛା ୨୦ଟି, ନିମ୍ବ ଜାତୀୟ ବିଷ ୧୫୦୦ମି.ଲି ହେକ୍ଟର ପିଛା ଯୋଗାଇ ଦିଆଯାଇଥିଲା ଏବଂ ଆକ୍ରାନ୍ତ ଫଳ ସଂଖ୍ୟା ୫ ପ୍ରତିଶତରୁ ଅଧିକ ହେଲେ ଇଣ୍ଡକ୍ସାକାର୍ବ ୨୦୦ମି.ଲି ହେକ୍ଟର ପିଛା ସିଞ୍ଚନ କରାଯାଇଥିଲା । ଏହି ପ୍ରର୍ଦଶନୀରେ କୀଟ ଆକ୍ରମଣ ୬୮ ପ୍ରତିଶତ କମିଥିବା ବେଳେ ଅମଳ ୨୧୩ କ୍ୱି/ହେ. ହେଇଥିଲା ଯାହାକି ପାରମ୍ପରିକ ପଦ୍ଧତି ଅପେକ୍ଷା ୨୧ ପ୍ରତିଶତ ଅଧିକ ଥିଲା ।



## ଆମ୍ବ ଫସଲରେ ଫଳ ମାଛିର ପରିଚାଳନା

ଫଳ ମାଛି ଆମ୍ବ ଫସଲର ଏକ ମୁଖ୍ୟ କୀଟ । ଏହି କୀଟ ଦେଖିବାକୁ ଡେଣା ଗୁଡିକ କାଚ ଭଳି ସ୍ୱଚ୍ଛଧଳା, ବେକ ପାଖ ନାଲିମିଶା ବାଦାମି ରଙ୍ଗର, ଗୋଡ ଗୁଡିକ ହଳଦିଆ ଏବଂ ଉଦରଟି ଗାଢ ମାଟିଆରଙ୍ଗର ହୋଇ ଶେଷ



ଆଡକୁ ଗୋଜିଆ ହୋଇଥାଏ । ଏହି କୀଟ ଫଳ ପାଚିବା ଆଗରୁ ଅଣ୍ଡା ଦେଇଦିଏ ଯାହାଦ୍ୱାରା ଆମ୍ବ ପୋକଡା ହୋଇ ଗଛରୁ ଝଡିପଡେ ଏବଂ ଆମ୍ବରେ କଣା ହେବା ଯୋଗୁଁ ବଜାର ମୂଲ୍ୟ କମିଯାଏ । ଏହାର ଆକ୍ରମଣ ଯୋଗୁଁ ୨୦-୨୫ ପ୍ରତିଶତ ଫଳ ନଷ୍ଟ ହୋଇଥାଏ । ଏହି କୀଟର ପରିଚାଳନା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ତରଫରୁ ଏକ କ୍ଷେତ୍ର ପରୀକ୍ଷଣ ଲେପା, ନାୟକପଡା, ଗାଙ୍ଗପୁର ଗ୍ରାମରେ କରାଯାଇଥିଲା । ଏହି ପରୀକ୍ଷଣରେ ଚାଷୀ ମାନଙ୍କୁ ମିଥାଇଲ୍ ୟୁଜେନଲ୍ ଯନ୍ତା (ଯେଉଁଥିରେ ପୁରୁଷ ମାଛି ଆକର୍ଷିତ ହୋଇ ପଡିବେ) ହେକ୍ଟର ପ୍ରତି ୧୦ଟି ଏବଂ ବିଷ ଥୋପ (୧୦ଲିଟର ପାଣିରେ୧ କେ.ଜି ଗୁଡ, ୫୦ମି.ଲି. ମାଲାଥିଅନ୍) ପ୍ରୟୋଗ କରାଯାଇଥିଲା । ଏହି ପରୀକ୍ଷଣରେ ପ୍ରତି ଯନ୍ତାରେ ସପ୍ତାହ ପ୍ରତି ୮ଟି ଫଳ ମାଛି ପଡିଥିବା ବେଳେ ଆକ୍ରାନ୍ତ ଫଳ ସଂଖ୍ୟା ୮୫ ଭାଗ କମିଥିଲା ଏବଂ ଅମଳ ୨୭ କ୍ୱିଣ୍ଟାଲ/ହେ. ହେଇଥିଲା ଯାହା ପାରମ୍ପରିକ ପଦ୍ଧତି ଅପେକ୍ଷା ୨୦ ପ୍ରତିଶତ ଅଧିକ ।

## ରେନ୍‌ବୋ ରୁଷ୍ଟର ପ୍ରଜାତି ର କୁକୁଡା ପାଳନ

କୁକୁଡା ପାଳନ କୃଷିଜିବୀ ମହିଳା ମାନଙ୍କ ପାଇଁ ଏକ ରୋଜଗାରର ପନ୍ଥା ହୋଇପାରିଛି । କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର ତରଫରୁ ଗଞ୍ଜାମ ଜିଲ୍ଲାର ଚୋପାରା , ଗୁଣ୍ଡୁରିବାଡି ଓ ଜିରାବାଡି ଗ୍ରାମରେ ରେନ୍‌ବୋ ରୁଷ୍ଟର ପ୍ରଜାତିର ଉପରେ ଏକ ସଫଳ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏଇ ପ୍ରଜାତିର କୁକୁଡା ଗୁଡିକ ଅତି ସହଜରେ ଘରର ବଳକା ଖାଦ୍ୟ, ପନିପରିବା ଚୋପା ଇତ୍ୟାଦି ଖାଇ ଖୁବ୍ ଶୀଘ୍ର ବଢ଼ନ୍ତି । ଅତି ସ୍ୱଳ୍ପ ଖର୍ଚ୍ଚରେ ଏଇ ପ୍ରଜାତିର କୁକୁଡ଼ା ୧ ବର୍ଷରେ ହାରାହାରି ୩.୬ କି.ଗ୍ରା ଓଜନ ହୋଇଥିଲେ ଏବଂ ଏ କୁକୁଡା ଗୁଡିକ ବର୍ଷକୁ ହାରାହାରି ୧୪୦-୧୫୦ ଅଣ୍ଡା ଦେଇଥିଲେ । ଋଷୀଭାଇ ଓ ଭଉଣୀମାନେ ଏ ପ୍ରଜାତିର କୁକୁଡ଼ା ପାଳନ ଦ୍ୱାରା ବେଶ୍ ଲାଭବାନ ହେବେ ବୋଲି ମତ ଦେଇଛନ୍ତି ।



## କାଜୁ ଫସଲରେ ଚାମଶକ କୀଟର ପରିଚାଳନା

ଚାମଶକ କୀଟ କାଜୁ ଫସଲରେ ଏକ ମୁଖ୍ୟ ସମସ୍ୟା ଏବଂ ଏହା ନୂଆ ପତ୍ର, ଫୁଲ ଓ ଫଳ ଅବସ୍ଥାରେ ଆକ୍ରମଣ କରିଥାଏ, ଯାହାଦ୍ୱରା ଅମଳ ୧୫-୨୦ ଭାଗ କମିଥାଏ ।ଏହି କୀଟ ଦେଖିବାକୁ ନାଲି ମିଶା ବାଦାମି ରଙ୍ଗର, ମୁଣ୍ଡ କଳା, ବେକ ପାଖ ନାଲି ଓ ଉଦର ଦେଖିବାକୁ କଳାମିଶା ଧଳାରଙ୍ଗର ହୋଇଥାଏ । ଏହାର ପରିଚାଳନା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ଦ୍ୱାରା ନାୟକପଡା, ଲେପା, ଜିରାବାଡି, ମଙ୍ଗଳପୁର ଗ୍ରାମରେ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ଚାଷୀ ମାନଙ୍କୁ ନୂଆ ପତ୍ର ଅବସ୍ଥାରେ



ଲାମଡା ସିଆଲୋଥ୍ରିନ୍ (୧ଲି./ହେକ୍ଟର), ଫୁଲ ଅବସ୍ଥାରେ ମାଲାଥିଅନ୍ (୨ଲି./ହେକ୍ଟର) ଓ ଫଳ ଅବସ୍ଥାରେ ପ୍ରୋଫେନୋଫସ୍ (୧ଲି./ହେକ୍ଟର) ଯୋଗାଇ ଦିଆଯାଇଥିଲା ଏବଂ ଏହା ସହ ଆବଶ୍ୟକ ତାଲିମ ପ୍ରଦାନ କରାଯାଇଥିଲା । ଏହି ପରୀକ୍ଷଣ ରେ ଚାମଶକ କୀଟ ଆକ୍ରମଣ ୮୨ ଭାଗ କମିଥିବା ବେଳେ କାଜୁ ଅମଳ ୮.୬ କ୍ୱିଣ୍ଟାଲ/ ହେକ୍ଟର ପ୍ରତି ହୋଇଥିଲା ଯାହା

## ଅମୃତ ଭଣ୍ଡା ଫସଲର ଉନ୍ନତ କିସମ ରେଡ୍ ଲେଡି ର କ୍ଷେତ୍ର ପରୀକ୍ଷଣ

ସାଧାରଣତଃ ଅମୃତ ଭଣ୍ଡା ଫସଲରେ. ଅଣ୍ଡିରା ଗଛ ଅଧିକ ଦେଖାଯାଏ ଏବଂ ଫଳ ମଧ୍ୟ ଆସିବାକୁ ଡେରି ହୋଇଥାଏ । ଯାହାଦ୍ୱାରା ଚାଷୀମାନେ କ୍ଷତିରେ ପଡିଥାନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଚାଷୀ ମାନଙ୍କୁ ଆବଶ୍ୟକ ତାଲିମ ଓ ଉନ୍ନତ ଅମୃତ ଭଣ୍ଡା କିସମ ରେଡ୍ ଲେଡିର ଚାରା ଯୋଗାଇ ଦିଆଯାଇଥିଲା । ଚାଷୀମାନେ ଗଛକୁ ଗଛ ୮ଫୁଟ ବ୍ୟବଧାନରେ ଲଗାଇଥିଲେ ଏବଂ ଗଛ ପିଛା ସାର ୨୫୦ଗ୍ରା: ୨୫୦ଗ୍ରା: ୨୫୦ଗ୍ରା ଏନ୍:ପି:କେ ଚାରି ଭାଗ (ଲଗେଇବା ସମୟରେ, ୨ମାସ, ୪ମାସ, ୬ମାସ) କରି ଛଅ ମାସ ମଧ୍ୟରେ ଦେଇଥିଲେ । ମାତ୍ର ନଅ ମାସ ବେଳକୁ ଫଳ ଧରିବା ଆରମ୍ଭ କରିଥିଲା ଏବଂ ଏକ ବର୍ଷ ମଧ୍ୟରେ ଗଛ ପିଛା ୩୦-୩୫ କେଜି ଅମଳ ମିଳିଥିଲା । ଯାହାକି ସ୍ଥାନୀୟ କିସମ ଅପେକ୍ଷା ୨୮ ପ୍ରତିଶତ ଅଧିକ ଅଟେ । ଉନ୍ନତ କିସମ ଓ ଉପଯୁକ୍ତ ଖାଦ୍ୟ ସାର ପରିଚାଳନା ଯୋଗୁ ଅଧିକ ଅମଳ ମିଳିଥିଲା ।ଏହି ଉନ୍ନତ ଜ୍ଞାନ କୌଶଳ ଚାଷୀ ମାନଙ୍କ ମଧ୍ୟରେ ଅଧିକ ଆଦୃତ ହୋଇପାରିଛି ।



## ତୈଳବୀଜ ଫସଲ - ଚିନାବାଦାମର ଅମଳ ବୃଦ୍ଧି ଉପରେ ଗୁରୁତ୍ୱ

ଚିନାବାଦାମ ଆମ ଜିଲ୍ଲାର ଏକ ମୁଖ୍ୟ ତୈଳବୀଜ ଫସଲ । ୧୭ ହଜାର ହେକ୍ଟର ଜମିରେ ଚିନାବାଦାମ ଚାଷ ହେଉଛି ମାତ୍ର ଉନ୍ନତ ଜ୍ଞାନ କୌଶଳର ଅଭାବ ଯୋଗୁଁ ହେକ୍ଟର ପ୍ରତି ୧୪କ୍ୱିଣ୍ଟାଲ ଅମଳ ପାଉଛନ୍ତି । ଏହାର ଅମଳ ବୃଦ୍ଧି ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ଦ୍ୱାରା ଆବଶ୍ୟକ ତାଲିମ ଗୁଣ୍ଡୁରିବାଡି, କୁଲାଡ, ସାରିଆପଲ୍ଲୀ, ଲେପା ଗ୍ରାମରେ ଚାଷି ମାନଙ୍କୁ ଦିଆଯାଇଥିଲା । ଏହି କ୍ଷେତ୍ର ପ୍ରର୍ଦଶନୀରେ ଚାଷୀ ମାନଙ୍କୁ ରାଇଜୋବିୟମ୍ ବୀଜାଣୁରେ ବିହନ ବିଶୋଧନ, ଖାଦ୍ୟ ସାର ପରିଚାଳନା (୨୦:୪୦:୪୦ ଏନ୍.ପି.କେ/ହେକ୍ଟର) ବିଷୟରେ ଶିକ୍ଷା ଦିଆଯାଇଥିଲା । ଚିନାବାଦାମର ମୁଖ୍ୟ ରୋଗ ଟୀକା ପାଇଁ ହେକ୍ସାକୋନାଜୋଲ ସିଞ୍ଚନ (୧ଲି/ହେକ୍ଟର) ପାଇଁ ଚାଷୀ ମାନଙ୍କୁ ଅବଗତ କରାଯାଇଥିଲା । ଚାଷୀ ମାନଙ୍କୁ ଉନ୍ନତ କିସମ ସ୍ମୃତି ଯୋଗାଇ ଦିଆଯାଇଥିଲା । ଏହି ପ୍ରର୍ଦଶନୀରେ ରୋଗ ପୋକ ୭୦ ଭାଗ କମିଥିବା ବେଳେ ଅମଳ ୨୨.୭ କ୍ୱିଣ୍ଟାଲ/ହେକ୍ଟର ହୋଇଥିଲା ଯାହାକି, ପାରମ୍ପରିକ ପଦ୍ଧତି ଅପେକ୍ଷା ୨୪ ପ୍ରତିଶତ ଅଧିକ ଥିଲା । ବର୍ତ୍ତମାନ ଚାଷୀମାନେ ହୃଦୟଙ୍ଗମ କରିସାରିଲେଣି ଯେ, ଚିନାବାଦାମ ଏକ ଲାଭଜନକ ଫସଲ ।



## ତାପ ସହଣଶକ୍ତି କିସମ ପାଳଛତୁର ସଫଳ କ୍ଷେତ୍ର ପ୍ରର୍ଦଶନ

ଏପ୍ରିଲ୍ ଓ ମଇ ମାସରେ ଆମ ଜିଲ୍ଲାରେ ତାପମାତ୍ରା ୪୦° ସେଣ୍ଟିଗ୍ରେଡ୍ ରୁ ଅଧିକ ଉପଲବ୍ଧ ହୋଇଥାଏ । ସାଧାରଣତଃ ଚାଷୀମାନେ ଭଲଭାରିଲା ଭଲ୍‌ଭାସିଆ କିସମର ପାଳଛତୁ ଚାଷ କରିଥାନ୍ତି, ଯାହାର ଉତ୍ତାପ ସହଣଶକ୍ତି କମ୍ । ସେଥିପାଇଁ ଏଇ ଦୁଇମାସରେ ପାଳଛତୁର ଅମଳ କମ୍ ଆସିଥାଏ । ଏହି ସମସ୍ୟାର ସମାଧାନ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ତରଫରୁ କୁମ୍ଭାପଡା ଗ୍ରାମରେ ଭଲ୍‌ଭାରିଲା ଡିପ୍ଲାସିଆ କିସମ ପାଳଛତୁ ଚାଷର ଏକ କ୍ଷେତ୍ର ପ୍ରର୍ଦଶନ କରାଯାଇଥିଲା । ଖରାଦିନେ ଏହି କିସମର ଛତୁ ଚାଷ କରିବା ପାଇଁ ଉକ୍ତ ଗ୍ରାମରେ ଚାଷୀଭଉଣୀ ମାନଙ୍କ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କ୍ଷେତ୍ର ପ୍ରର୍ଦଶନ କାର୍ଯ୍ୟକ୍ରମରେ ବେଡ୍ ପିଛା ହାରାହାରି ୧କି.ଗ୍ରା ୩୦୦ଗ୍ରାମ୍ ଛତୁ ଅମଳ ହୋଇଥିଲା । ଚାଷୀଭଉଣୀ ମାନେ ବେଡ୍ ପିଛା ୨୦ଟଙ୍କା ଖର୍ଚ୍ଚକରି ୧୦୦ଟଙ୍କା ଲାଭ ପାଇଥିଲେ ।

